


# ଶ୍ରୀମନ୍ଦିର ସମାଚାର

# SHREE JAGANNATH TEMPLE BULLETIN

ଜାନୁଆରୀ-୨୦୨୦ (ମକର ସଂକ୍ରାନ୍ତି) JANUARY - 2020


## ନୂତନ ବର୍ଷରେ ଶ୍ରୀମନ୍ଦିରରେ ଶୃଙ୍ଖଳିତ ନୀତି ଓ ଦର୍ଶନ ସମ୍ପନ୍ନ

ଭାରତୀୟ ଜନ-ଜୀବନକୁ ସରସ ଓ ସୁନ୍ଦର କରି ଗଢ଼ିତୋଳିବା ନିମନ୍ତେ ଅନେକ ପର୍ବ-ପର୍ବାଣୀର ସୃଷ୍ଟି । ନୂତନତ୍ୱର ସ୍ୱାଦ ଏସବୁରେ ମାଦକତା ଭରିଦିଏ । ବାର ମାସରେ ତେର ପର୍ବ ଓଡିଆ ମାନସିକତାରେ ଏକ ଛାପ ବହନ କରେ । ଓଡିଆ ନବ ବର୍ଷ ମେଷ ସଂକ୍ରାନ୍ତିରୁ (ଏପ୍ରିଲ ମାସ) ଆରମ୍ଭ ହେଉଥିଲେ ହେଁ ଇଂରାଜୀ ନବବର୍ଷ ଜାନୁୟାରୀ ପହିଲାକୁ ସମସ୍ତ ଭାରତୀୟ ଆନନ୍ଦରେ ପାଳନ କରନ୍ତି । ମହାପ୍ରଭୁଙ୍କ କୃପା ଲାଭ କରିବା ଉଦ୍ଦେଶ୍ୟରେ ଏଥି ନିମନ୍ତେ ଶ୍ରୀକ୍ଷେତ୍ରରେ ଭକ୍ତମାନଙ୍କର ସମାଗମ ହୁଏ । ଭକ୍ତମାନଙ୍କର ଏ ମାନସିକତାକୁ ସମ୍ମୁଖରେ ରଖି 'ଶ୍ରୀମନ୍ଦିର ପ୍ରଶାସନ' ଏହି ପରିପ୍ରେକ୍ଷୀରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାରେ ତତ୍ପର ହୋଇଥାଏ ।



ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ନବ ବର୍ଷର ପ୍ରଥମ ଦିବସ ତା.୧.୦୧.୨୦୨୦ ବୁଧବାର ଦିନ ଏବଂ ତା. ୩୧.୧୨.୧୯ ରାତି ସାରା ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥିଲା । ଦେଶ ତଥା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ଶୃଙ୍ଖଳିତ ଓ ସୁରକ୍ଷିତ ଦର୍ଶନ ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା । ଶ୍ରୀମନ୍ଦିର ଭିତରେ ମଧ୍ୟ ଉତ୍ତମ ବ୍ୟାରିକେଡ୍ ବ୍ୟବସ୍ଥା ହୋଇଥିଲା । ପ୍ରତିଟି କାର୍ଯ୍ୟକ୍ରମକୁ ସଂଗଠିତ କରାଯିବା ପୂର୍ବରୁ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଡଃ.କ୍ରୀଷନ୍ କୁମାର ରାତି ତମାମ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ସମୀକ୍ଷା କରୁଥିଲେ ।

ନୂଆ ବର୍ଷର ପୂର୍ବରାତ୍ର ଅର୍ଥାତ୍ ତା.୩୧.୧୨.୧୯ରିଖ ଘ.୯.୩୦.ମି.ରେ ପହୁଡ ନୀତି କରାଯାଇ ରାତ୍ର ଘ.୧.୨୦ମି.ରେ ଶ୍ରୀମନ୍ଦିରର ଦ୍ୱାର ଫିଟାଯାଇଥିଲା। ଏହାପରେ ଘ.୧.୫୫ମି.ରେ ମଙ୍ଗଳ ଆଳତି, ରାତ୍ର ଘ.୨.୫୦ମି.ରେ ଅବକାଶ, ଭୋର ଘ.୫.୪୦ମି.ରେ ପହିଲି ଭୋଗ ନୀତି ଶେଷ ହୋଇଥିଲା । ସକାଳ ଧୂପ ଘ.୭.୦୫ମି.ରେ ଶେଷ ହୋଇଥିଲା । ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ଘ.୧୧ରେ ବଢ଼ିବା ପରେ ଦ୍ୱିତୀୟ ଭୋଗ ମଣ୍ଡପ ନୀତି ଅପରାହ୍ନ ଘ. ୧.୫୦ମି.ରେ ସଂପନ୍ନ ହୋଇଥିଲା ।



ଏହାପରେ ମହାପ୍ରଭୁଙ୍କର ନିରନ୍ତର ଦର୍ଶନ ପାଇଁ ଭକ୍ତଙ୍କୁ ଛଡ଼ା ଯାଇଥିଲା ।

ଏହି ଦିନତମାମ ଭକ୍ତଙ୍କ ଭିଡ ଶ୍ରୀମନ୍ଦିରରେ ଲାଗି ରହିଥିଲା ଏବଂ ପ୍ରବଳ ଭିଡ ସତ୍ତ୍ୱେ ଶ୍ରୀମନ୍ଦିର ଭିତରେ ଦର୍ଶନ ଅତ୍ୟନ୍ତ ଶୃଙ୍ଖଳିତ ରହିଥିଲା । ସିଂହଦ୍ୱାର ଦେଇ ପ୍ରବେଶ କରିଥିବା ଭକ୍ତମାନେ ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରିଥିଲେ । ପ୍ରବଳ ଭିଡକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଟ୍ରାଫିକ୍ ବ୍ୟବସ୍ଥାକୁ ଶୃଙ୍ଖଳିତ କରାଯାଇଥିଲା । ଭକ୍ତମାନେ ବଡ଼ଦାଣ୍ଡରେ ନିର୍ମିତ ପାଦଚଲା ବ୍ୟାରିକେଡ୍ ଭିତର ଦେଇ ଚାଲି ଚାଲି ଯାଇଥିଲେ । ଶ୍ରୀଜଗନ୍ନାଥ ବଲ୍ଲଭ ମଠ ସମ୍ମୁଖରୁ ବାରିକେଡ୍‌ରେ ଯାଇ ଭକ୍ତମାନେ ନବନିର୍ମିତ ସେଡ୍‌ରେ ଲମ୍ବାଧାଡିରେ ରହି ସିଂହଦ୍ୱାର ଦେଇ ମନ୍ଦିର ଭିତରକୁ ପ୍ରବେଶ କରିଥିଲେ । ପ୍ରଥମଥର ପାଇଁ ନୂଆ ବର୍ଷରେ ସିଂହଦ୍ୱାର ପାରିପାର୍ଶ୍ୱକୁ ସୁସଜ୍ଜିତ କରାଯାଇଥିଲା ଏବଂ ଏହା ମଧ୍ୟ ଭକ୍ତମାନଙ୍କୁ ଆକର୍ଷିତ କରିଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚ୍ଚିବ ତଥା ରାଜ୍ୟ ସରକାରଙ୍କ ୫ଟି ସଚ୍ଚିବ ଶ୍ରୀଯୁକ୍ତ ଭି.କେ ପାଣ୍ଡିଆନଙ୍କ ସହ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଶ୍ରୀଯୁକ୍ତ ବଳଓ୍ୱନ୍ତ ସିଂ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ଉମାଶଙ୍କର ଦାଶ ପ୍ରମୁଖ ସିଂହଦ୍ୱାର ଠାରେ 'ନୂତନ ଦର୍ଶନ ବ୍ୟବସ୍ଥା'କୁ ଅନୁଧାନ କରିଥିଲେ । ସେବକମାନଙ୍କର ପ୍ରତିବଦ୍ଧତା, ନିଷ୍ଠା ଓ ଉତ୍ସର୍ଗୀକୃତ ମନୋଭାବ ଯୋଗୁଁ ଶ୍ରୀମହାପ୍ରଭୁଙ୍କ ନୀତି ଅତ୍ୟନ୍ତ ଶୃଙ୍ଖଳିତ ହୋଇପାରିଛି ବୋଲି ମୁଖ୍ୟ ପ୍ରଶାସକ ପ୍ରକାଶ କରିଛନ୍ତି । ମୁଖ୍ୟ ପ୍ରଶାସକ, ଡଃ. କ୍ରୀଷନ୍ କୁମାର ଶ୍ରୀମନ୍ଦିରର ସମସ୍ତ ସେବକ ନିଯୋଗ, ପାଳିଆ ସେବକ ଓ ଶ୍ରୀମନ୍ଦିର କର୍ମଚାରୀମାନଙ୍କୁ ନବ ବର୍ଷରେ ନୀତିକାନ୍ତିରେ ଶୃଙ୍ଖଳା ଏବଂ ସମୟାନୁବର୍ତ୍ତିତା ଆଣିପାରିଥିବାରୁ ଆନ୍ତରିକ ଧନ୍ୟବାଦ




ଅର୍ପଣ କରିଛନ୍ତି । ସମସ୍ତ ନିୟମ ଶୃଙ୍ଖଳା ପାଳନରେ ଦର୍ଶନାର୍ଥୀ ଭକ୍ତମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିବାରୁ ମୁଖ୍ୟ ପ୍ରଶାସକ ସମସ୍ତଙ୍କୁ ଧନ୍ୟବାଦ ଦେବା ସହିତ ଗଣମାଧ୍ୟମର ପ୍ରତିନିଧିମାନେ ମହାପ୍ରଭୁଙ୍କ ପାଇଁ ସେମାନଙ୍କର ଦାୟିତ୍ୱ ଉତ୍ତମ ଭାବେ ନିର୍ବାହ କରିଥିବାରୁ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । କେନ୍ଦ୍ରାଞ୍ଚଳ ପୋଲିସ୍ ଡି.ଆଇ.ଜି. ଶ୍ରୀଯୁକ୍ତ ଆଶିଷ କୁମାର ସିଂ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀ ଉମାଶଙ୍କର ଦାଶଙ୍କ ସମେତ ସମସ୍ତ ସେବକ, ଶ୍ରୀମନ୍ଦିର ପ୍ରଶାସକ, ଜିଲ୍ଲା ପ୍ରଶାସନ ଓ ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ରହି ସୁସମନ୍ୱିତ ଭାବେ ଦର୍ଶନ ବ୍ୟବସ୍ଥାକୁ ପରିଚାଳନା କରିଥିବାରୁ ମୁଖ୍ୟ ପ୍ରଶାସକ ସେମାନଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ଧନୁ ସଂକ୍ରାନ୍ତି ଓ ପହିଲି ଭୋଗ ଆରମ୍ଭ :

ତା. ୧୬.୧୨.୧୯ ରିଖ ସୋମବାର ଦିନ ଧନୁ ସଂକ୍ରାନ୍ତି ଅବସରରେ, ଏହି ଦିନ ଠାରୁ ଶ୍ରୀମନ୍ଦିରରେ ପରମ୍ପରା ଅନୁଯାୟୀ ପହିଲି ଭୋଗ ନୀତି ସ୍ୱତନ୍ତ୍ର ଭାବେ ଆରମ୍ଭ ହୋଇଥିଲା । ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ପହିଲି ଭୋଗ ଅନୁଷ୍ଠିତ ହୋଇଥାଏ । ରାତି ଦୁଇ ଘଡ଼ି ଥାଇ ଦୁଆର ଖୋଲାଯାଇ ମଙ୍ଗଳ ଆଳତି ବଢ଼ିଲା ପରେ ରୋଷହୋମ ହୋଇଥାଏ । ପରେ ମୈଲମ, ତଡ଼ପ ଲାଗି, ଅବକାଶ, ବେଶ ଆଦି ହୋଇ ପାଣି ପଡ଼ିସାରିଲା ପରେ ବଲ୍ଲଭ ଘରୁ ବଲ୍ଲଭ ଆସିଥାଏ । ପରେ ପୂଜା ଠା' ହୋଇ ଅଣସର ପିଣ୍ଡିରେ ଥାଳି ପଡ଼ିଲେ ପହିଲି ଭୋଗ ଡାକିଯାଏ । ପହିଲି ଭୋଗ (ବଡ଼ ଝିଲି, ଦରସୁଆ ବଡ଼ୀ, ଦରସୁଆ ଝିଲି, ବଡ଼ବଡ଼ା, କାକେରୀ, ଏଣ୍ଡୁରୀ, ଛତୁ, କଣ୍ଢେଇ ପ୍ରଭୃତି) ଛାମୁକୁ ଆସିଲେ ପୂଜାପଣ୍ଡା ୩ ଜଣ ଆସି ପଞ୍ଚୋପଚାରରେ ଭୋଗ ସାରିଥିଲେ । ଏଥିରେ ଧନୁ ମୁଆଁ ମଧ୍ୟ ଭୋଗ ଲାଗିଥିଲା ।



## ଶ୍ରୀମନ୍ଦିରରେ ବକୁଳ ଅମାବାସ୍ୟା :

ତା. ୨୬.୧୨.୧୯ ରିଖ ଗୁରୁବାର ଦିନ ପୌଷ ଅମାବାସ୍ୟା ତିଥିରେ ବକୁଳ ଅମାବାସ୍ୟା ନୀତି ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଦିନ ଆଳତି, ଅବକାଶ ବଢ଼ି ବେଶ ଲାଗିରେ ଖଣ୍ଡିଏ ଆଜ୍ଞାମାଳ ଲାଗି ହୋଇ ବେଶ ବଢ଼ିଥିଲା । ପରେ ଗୋପାଳବଲ୍ଲଭ ସରି ସକାଳ ଧୂପ ଛେକ ଆସିବା ସହିତ ବଉଳ ଗଇଁଠା ଡାଟ ସ୍ୱତନ୍ତ୍ର ଭାବେ ବଢ଼ା ଯାଇଥିଲା । ପରେ ମୁଦିରସ୍ତ ପ୍ରସାଦ ଲାଗି କଲାପରେ ପାଳିଆ ପୂଜାପଣ୍ଡା ୩ଜଣ ଷୋଡ଼ଶୋପଚାରରେ ଭୋଗ ସାରିଥିଲେ । ଭୋଗ ସରିଲା ପରେ ଡାଟ ଥାଇ ମୁଦିରସ୍ତ, ପତିମହାପାତ୍ର, ପୂଜାପଣ୍ଡା ତିନି ବାଡ଼ରେ ବନ୍ଦାପନା କରିଥିଲେ । ପ୍ରସାଦ ବାହାରି ପାଣି ପଡ଼ିଲା ପରେ ଅମାବାସ୍ୟା ଦିଅଁ (ଶ୍ରୀନାରାୟଣ) ସିଂହାସନକୁ ବିଜେ ହୋଇ ଆଜ୍ଞାମାଳ ପାଇ ମୁକ୍ତିମଣ୍ଡପ ତଳେ ଥିବା ପାଲିଙ୍କିକୁ ବିଜେ କରି ସାଗର ବିଜେ ନୀତି ପାଇଁ ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାର ଅଭିମୁଖେ ଯାତ୍ରା କରିଥିଲେ ।



## ଶ୍ରୀମନ୍ଦିରରେ ଦେବାଭିଷେକ ଓ ପୁଷ୍ୟାଭିଷେକ ପୂର୍ଣ୍ଣମୀ:

ତା. ୧୦.୦୧.୨୦ ରିଖ ଶୁକ୍ରବାର ଦିନ ପୌଷ ପୂର୍ଣ୍ଣମୀ ଅବସରରେ ଶ୍ରୀମନ୍ଦିରରେ ପୁଷ୍ୟାଭିଷେକ ବା ଦେବାଭିଷେକ ନୀତି ଯଥାରୀତି ଅନୁଷ୍ଠିତ ହୋଇଥିଲା । ପୂର୍ବଦିନ ରାତ୍ର ଚନ୍ଦନଲାଗି ବଢ଼ିଲା ପରେ ପୂର୍ବରୁ ଧୋ-ପଖାଳ ହୋଇ ରହିଥିବା ଭୋଗମଣ୍ଡପ ଘରେ ପର୍ବଯାତ୍ରା ଯୋଗାଣିଆ ରୋଷ କୂଅରୁ ପାଣି ଆଣି ୮୭ ଗରାରେ ଜଳ ଭର୍ତ୍ତି କରିବା ସହିତ ୨୧ ଗରାରେ ଘିଅ ରଖିଥିଲେ । ମୋଟ ୧୦୮ ଗରାକୁ ୪ ବାଡ଼ କରି ରଖିଲା ପରେ ଚେମେଡ଼ି ପତନି ଘୋଡ଼ାଇ ଫୁଲ ଚନ୍ଦନ ଦିଆଯାଇ ଅଧିବାସ ହୋଇଥିଲା । ପରେ ତଢ଼ାଉ କରଣ ଉକ୍ତ ଦୁଆରକୁ ମୁଦ ଦେଇଥିଲେ । ତା'ପରେ ବଡ଼ସିଂହାର ବେଶ ବଢ଼ି ଭୋଗ ସରିଲା ପରେ ମହାପ୍ରଭୁଙ୍କ ସାମ୍ନା କାନ୍ଥ ନିକଟରେ ଏକଗୋଟି ଭଦ୍ରାସନ ରଖାଯାଇ ଏହାର ଚତୁଃପାର୍ଶ୍ୱରେ ମାଯିବାଡ଼ ଦିଆଯାଇଥିଲା । ଭଦ୍ରାସନ ଉପରେ ପାହାଡ଼ା ପଡ଼ି ଦର୍ପଣ ଅଧିବାସ ହୋଇ ରାତ୍ର ପହୁଡ଼ ହୋଇଥିଲା । ପୂର୍ଣ୍ଣମୀ ଦିନ ଦୈନନ୍ଦିନ ନୀତି ପ୍ରକାରେ ସକାଳ ଧୂପ ପୂଜା ବସିବା ସମୟରେ ପ୍ରତିହାରୀ ନିଯୋଗ ସାମନାରେ ହୋମ ହୋଇଥିଲା । ଧୂପ ସରିଲାପରେ ମହାପ୍ରଭୁଙ୍କ ବାଡ଼ରେ ମୈଲମ ହୋଇ ମହାସ୍ନାନ ପୂଜା ଠା' ହୋଇ ଭୋଗମଣ୍ଡପ ଘରୁ ୪ ବାଡ଼ରେ ଜଳ ଗରାମାନ ଗରାବଡୁମାନଙ୍କ ଦ୍ୱାରା ବାଘମୁହାଁ ସହିତ ଘଣ୍ଟ, ଛାତ, କାହାଳୀ ପଟୁଆରରେ ଛାମୁକୁ ଆସିଲା ପରେ, ଖଇକୋରା ଭୋଗ ସରି ଅଭିଷେକ ନୀତି ସମାପନ ହୋଇଥିଲା ଏବଂ ପାଣିପଡ଼ି ତିନି ବାଡ଼ରେ ଅଭିଷେକ ବେଶ ହୋଇଥିଲା । ପରେ ଘଣ୍ଟ, ଛତା, କାହାଳୀ ସହିତ ତଳିଛ, ପ୍ରଧାନୀ ହାତ ପୈଠରେ ଛେକ ଛାମୁକୁ ଆସିଲା ପରେ ମହାଲକ୍ଷ୍ମୀ ମାଜଣା ହୋଇ ଶ୍ରୀଅଙ୍ଗରେ ଲାଗି ହୋଇଥିଲେ । ଭିତରଛ ଦଣ୍ଡଛତ୍ର ଧରିଥିଲେ, ପାଳିଆ ମେକାପ ଛତ୍ରର ବେଣ୍ଟକୁ ଜାବୁଡ଼ି ଧରିଥିଲେ । ଏହାପରେ ଭୋଗ ସରି ବନ୍ଦାପନା ହୋଇଥିଲା ଏବଂ ମୁଦିରସ୍ତ ଫୁଲଶର, ଆୟୁଧ ଲାଗି କରି ଚାମର, ଆଲଟ କରିଥିଲେ । ପରେ ଘସାବିଡ଼ିଆ, ଦହିପଟି ମଣୋହୀ ହୋଇ ଫୁଲଶର ମୈଲମ ହେବା ପରେ ରଘୁନାଥ ସିଂହାସନକୁ ବିଜେ ହୋଇ ଆଜ୍ଞାମାଳ ପାଇ ପାଲିଙ୍କିକୁ ବିଜେ ହୁଅନ୍ତେ ମୁଦିରସ୍ତ ବର୍ଷପଡ଼ି ଶାଢ଼ୀ ବାନ୍ଧିଥିଲେ । ମୁଦିରସ୍ତ ଶାଢ଼ୀ ବାନ୍ଧି ପାଳିଆ ଖୁଣ୍ଟିଆ ଓ ଆସ୍ଥାନ ପଢ଼ିଆରୀଙ୍କ ଉପସ୍ଥିତିରେ ଜମ୍ବେଶ୍ୱର ମନ୍ଦିରକୁ ଯାଇ ଭୋଗ ନୀତି ସାରି ସ୍ୱଗୃହକୁ ଆସନ୍ତେ ମଙ୍ଗଳାର୍ପଣ ହୋଇ ଅନ୍ୟାନ୍ୟ ନୀତିମାନ ହୋଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ଦିନ ଶ୍ରୀବିଗ୍ରହମାନଙ୍କର 'ସୁନାବେଶ' ହୋଇଥାଏ ।



## ଶ୍ରୀମନ୍ଦିରରେ ନବାଙ୍କ ବେଶ :

ତା. ୧୪.୦୧.୨୦ ରିଖ ମଙ୍ଗଳବାର ଦିନ ଅର୍ଥାତ୍ ମକର ସଂକ୍ରାନ୍ତି ପୂର୍ବଦିନ ନବାଙ୍କ ନୀତି ଶ୍ରୀମନ୍ଦିରରେ ପୂର୍ବ ରୀତିମତେ ସମ୍ପନ୍ନ ହୋଇଥିଲା । ନବାଙ୍କର ପୂର୍ବଦିନ ଦୁଧମେଲାଣ ଅନୁଷ୍ଠିତ ହୋଇଥିଲା । ଏହି ଦିନ ମଧ୍ୟାହ୍ନ ଧୂପ ସରିଲା ପରେ ରାମକୃଷ୍ଣ ଆଜ୍ଞାମାଳ ପାଇ ଦୁଧମେଲାଣ ନିମନ୍ତେ ଜଗନ୍ନାଥବଲ୍ଲଭକୁ ବିଜେ କରିଥିଲେ । ସେଠାରେ ମହାଭୋଇ ଗୋଦୋହନ କରି ଦୁଧଭାରମାନଙ୍କୁ ଘେନି ଶ୍ରୀମନ୍ଦିର ନାଟ ମନ୍ଦିର ସାମନାକୁ ବାହୁଡ଼ିଥିଲେ । ଏଠାରେ ପ୍ରସାଦ ଲାଗି ଓ ବନ୍ଦାପନା ପରେ ରାମକୃଷ୍ଣ ଦକ୍ଷିଣଘରକୁ ବାହୁଡ଼ିଥିଲେ ।



ସେହିପରି ନବାଙ୍କ ଦିନ ସନ୍ଧ୍ୟା ଆଳତି ବଢ଼ିଲା ପରେ ଋଉଳ ମେଲାଣ ନୀତି ଅନୁଷ୍ଠିତ ହୋଇଥିଲା । ଉକ୍ତ ନୀତି ନିମନ୍ତେ ସିଂହଦ୍ୱାର ଚକଡ଼ାରେ ପାହାଡ଼ା ପଡ଼ିବାରେ ବେରଭୋଇ ପ୍ରଧାନ ଧାନଘର ଠାରୁ ଋଉଳ ବିଜେ କରିଥିଲେ । ଏଠାରେ ପ୍ରଧାନ ଭୋଇ ବାଘମୁହାଁ ବାନ୍ଧି ଘଣ୍ଟ, ଛତା, କାହାଳୀ ପଟୁଆରରେ ବଡ଼ ଦେଉଳକୁ ବେଢ଼ାଏ ବୁଲି ଋଉଳଭାରମାନଙ୍କୁ ଇନ୍ଦ୍ରାଣୀ ମନ୍ଦିର ବେଢ଼ାରେ ରଖିବାପରେ ଋଉଳ ମେଲାଣ ହୋଇଥିଲା । ●

# ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା

ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ପ୍ରାୟୋଜିତ ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା କାର୍ଯ୍ୟକ୍ରମର '୭ମ ପାଳି' ଅର୍ଥାତ୍- ତା.୮.୧୨.୧୯ରିଖ ରବିବାର ଦିନ ସିଂହଦ୍ୱାର ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ପ୍ରାତଃ ଘ୬.୩୦ମି.ରୁ ଆରମ୍ଭ ହୋଇ ୮ଘଟିକା ସମୟରେ ସମାପ୍ତ ହୋଇଥିଲା । ସର୍ବ ପ୍ରଥମେ ଭକ୍ତଙ୍କ ଦ୍ୱାରା 'ଶଙ୍ଖ ଧ୍ୱନୀ' କରାଯିବା ପରେ ଶ୍ରୀମନ୍ଦିର




ପରିସରରେ ଥିବା ବେଦ ପାଠଶାଳାର ଶିକ୍ଷକ ଓ ଛାତ୍ରମାନେ 'ବେଦ' ଆବୃତ୍ତି କରିଥିଲେ । ବେଦପାଠ ମଧ୍ୟରେ ସିଂହଦ୍ୱାର ଅରୁଣସ୍ତମ୍ଭ ସମ୍ମୁଖ ଭାଗରେ ବାବା ରାମଚରଣ ଦାସ ମହାରାଜ, ପଣ୍ଡିତ ବିଶ୍ୱମ୍ଭର ଦାଶ ଏବଂ ଶ୍ରୀମନ୍ଦିର ପୁରୋହିତ ଶ୍ରୀ ପଦ୍ମନାଭ ମହାପାତ୍ର ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ତତ୍‌ପରେ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା 'ଶ୍ରୀଜଗନ୍ନାଥାଷ୍ଟକମ୍' ମଞ୍ଚ ଉପରେ ଆବୃତ୍ତି କରିଥିଲେ । ପରେ ପୁରୀର



ନବପ୍ରତିଭା ଅନୁଷ୍ଠାନର କଳାକାରମାନେ ଆକର୍ଷଣୀୟ ଓଡିଶୀ(ରାସ)ନୃତ୍ୟ ପରିବେଷଣ କରିଥିଲେ । ପରେ ପରେ ବାବା ରାମଚରଣ ଦାସ ମହାରାଜ ଦ୍ୱାରା ଶ୍ରୀମଦ୍ ଭଗବତ୍ ଗୀତାର ୨ଟି ଶ୍ଳୋକ ଆବୃତ୍ତି କରିବା ସହ ବ୍ୟାଖ୍ୟା ମଧ୍ୟ କରିଥିଲେ । ଡ଼ଃ. ନରେଶ ଚନ୍ଦ୍ର ଦାଶ ଏବଂ ଉପସ୍ଥିତ ଭକ୍ତଗଣ



ସମୂହ ସ୍ୱରରେ ଭକ୍ତ କବି ଦୀନକୃଷ୍ଣ ଦାସଙ୍କ ରଚିତ 'ଦୀନବନ୍ଧୁ! ଏହି ଅଳି ଶ୍ରୀଛାମୁରେ....' ପ୍ରାର୍ଥନା ଗାନ କରିଥିଲେ । ତା'ପରେ ଆଲୋକ ଯୋଗ ଗ୍ରୁପ ସଦସ୍ୟମାନଙ୍କ ଦ୍ୱାରା 'ଯୋଗାସନ' ପ୍ରଦର୍ଶନ କରାଯାଇଥିଲା । ଶ୍ରୀ ରାଧାମୋହନ ବିଶୋଇ ଓ ତାଙ୍କ ସଂକୀର୍ତ୍ତନ ଦଳଙ୍କ ସହ 'ସଂକୀର୍ତ୍ତନ' ଆରମ୍ଭ କରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରିଥିଲେ । ଏହି ପରିପ୍ରେକ୍ଷୀରେ ସିଂହଦ୍ୱାର ସମ୍ମୁଖରେ 'ରଙ୍ଗୋଲି'(ଝୋଟି ଚିତ୍ର) ପ୍ରଦର୍ଶିତ କରାଯାଇଥିଲା । ଶ୍ରୀ ଦୁର୍ଗାମାଧବ କର ଆର୍ଟ ଏକ୍ସଟରନାଲ୍ ଏବଂ ଛାତ୍ର-ଛାତ୍ରୀମାନଙ୍କ ଦ୍ୱାରା



ମଧ ଦର୍ଶନୀୟ 'ଚିତ୍ରାଙ୍କନ' ପ୍ରଦର୍ଶନ କରାଯାଇଥିଲା ।

ଏହିପରି ଭାବେ '୮ମ ପାଳି' ଅର୍ଥାତ୍- ତା.୧୫.୧୨.୧୯ରିଖ ରବିବାର ଏବଂ '୯ମ ପାଳି' ଅର୍ଥାତ୍- ତା. ୨୨.୧୨.୧୯ରିଖ ରବିବାର ଦିନ ନିମ୍ନଲିଖିତ କାର୍ଯ୍ୟକ୍ରମ ପ୍ରକାରେ ଉକ୍ତ କାର୍ଯ୍ୟକ୍ରମଗୁଡିକ ଅନୁଷ୍ଠିତ ହୋଇଯାଇଥିଲା । ଏହି ଅବସରରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ଓ ଶ୍ରୀମନ୍ଦିରର ଅନ୍ୟାନ୍ୟ ଅଧିକାରୀ ତଥା ପ୍ରଶାସକ(ସୁରକ୍ଷା)




ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମିଶ୍ର, ଶ୍ରୀମନ୍ଦିର କର୍ମଚାରୀଗଣ, ଡି.ସି.ଓ. ପୁରୀ, ସି.ଡି.ପି.ଓ., ପୁରୀ ସଦର ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀମନ୍ଦିର ପ୍ରଶାସନର ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମଗୁଡିକୁ ସମ୍ପୂର୍ଣ୍ଣ ଭାବେ ସଂଯୋଜନା କରିଥିଲେ, ଶ୍ରୀମନ୍ଦିରର ଲୋକସମ୍ପର୍କ ଅଧିକାରୀ ଶ୍ରୀ ଲକ୍ଷ୍ମୀଧର ପୂଜାପଣ୍ଡା । ଶ୍ରୀମନ୍ଦିର



ଓ.ଏସ୍.ଡ଼ି ଶ୍ରୀ ଶୁଭ୍ରାଂଶୁ ଶେଖର ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶ୍ରୀମନ୍ଦିର ପ୍ରଶାସକ(ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଏଭଳି ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହୋଇଆସୁଛି ।

## ପୂର୍ବ ପ୍ରକାଶିତ ଉତ୍ତାରୁ... ସ୍ୱତ୍ୱଲିପିରେ ଶ୍ରୀମନ୍ଦିର ନୀତି

### ୨୯ - ମାର୍ଗଶିର କୃଷ୍ଣ ଅଷ୍ଟମୀ ପ୍ରଥମାଷ୍ଟମୀ :

ଏ ଦିନ ଭୋଗ ମଣ୍ଡପ ସରିବା ପରେ ୩ ବାଡ଼ ମୈଲମ ହୋଇ ପଣ୍ଡା ୩ ବାଡ଼ରେ ମହାସ୍ନାନ କରାନ୍ତି । ଏ ଉତ୍ତାରେ ପଶୁପାଳନ ନୂଆଲୁଗା ଲାଗି କରାଇ ଘଟୁଆରୀ ଘରଠାରୁ ପଣ୍ଡା, ପତି, ମୁଦିରସ୍ତେ ଚନ୍ଦନ ବିଜେ କରାଇ ଆଣି ୩ ବାଡ଼ରେ ଲାଗି କରାନ୍ତି । ଏହାପରେ ବେଶବଡ଼ି ତଡାଉ ଲାଗି ହୋଇ କର୍ପୂର ଲାଗି ବଢ଼ିବା ପରେ ପଶୁପାଳକ ତଳକୁ ଓହ୍ଲାଇ ଆସନ୍ତି । ଏ ଉତ୍ତାରେ ସୁଦୁସୁଆର ପୂଜାଠା କଲେ ୩ ବାଡ଼ରେ ପଣ୍ଡା, ପତି, ମୁଦିରସ୍ତ ବରୁଣ ପୂଜା କରନ୍ତି । ପରେ ମଧାହ୍ନ ଧୂପ ଉଠି ସାରିଲାପରେ ୩ ବାଡ଼ରେ ମଙ୍ଗଳାର୍ପଣ ହୁଅନ୍ତି । ଫୁଲୁ ପୁରିଆ ଖଦି ଓ ଛେଦା ପ୍ରସାଦ ଲାଗି ହୋଇ ବନ୍ଦାପନା ହୁଅନ୍ତି ।

### ୩୦ - ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା : (ଦୀପଦାନ ଓ ପିତୃଶ୍ରାଦ୍ଧ)

ଚତୁର୍ଦ୍ଦଶୀ ଦିନ ସନ୍ଧ୍ୟାଧୂପ ବଢ଼ିଲା ପରେ ସୁଧସୁଆର ସିଂହାସନ ତଳେ ପାଣି ପକାଇ ପୋଛ ମାରିବା ପରେ ଭଣ୍ଡାର ମେକାପ ଚାଉଳରେ ଗୋଟିଏ



ଗଛ ସିଂହାସନ ତଳେ କରିବ । ପାଳିଆ ମେକାପ୍ ବଇଠାମାନଙ୍କରେ ଘିଅ ଦେଇ ଉକ୍ତ ଚାଇଳ ଗଛମାନଙ୍କରେ ବତୀ ଲଗାଇବ । ତିନିଗୋଟି ସୁନା ଆଳତି ଲଗାଇବ । ପଣ୍ଡା ଆସି ଋଉଳଗୁଡିକ ସଂସ୍କାର କରି ପାଣି ଛଡାଇବା ପରେ ସିଂହାସନ ଉପରକୁ ପଣ୍ଡା, ପତି, ମୁଦିରସ୍ତ ଉଠି ବନ୍ଦାପନା କରନ୍ତି । ପରେ ମହାଦୀପ ୩ ଗୋଟା ବନ୍ଦାପନା ହୁଏ । ୩ ଜଣ ପାଳିଆ ପଣ୍ଡା ମହାଦୀପ ହାତରେ ଧରି ଜୟ-ବିଜୟ ଦ୍ୱାର ଭିତର ପାଖେ ଆସ୍ଥାନ ପଡ଼ିଆରୀ କରିଥିବା ଋଉଳ ଗଛକୁ ଜଣେ ପଣ୍ଡା ସଂସ୍କାର କରି ପାଣି ଛଡ଼ାନ୍ତି । ଏ ଉତ୍ତାରେ ମହାଦୀପ କଳସ ଧରି ପାଳିଆ ଚୁନରାକୁ ଦିଅନ୍ତି । ପାଳିଆ ଚୁନରା ଓଡିଆ ମଠ ଦେଇଥିବା ତେଲ, ଘିଅ ଓ ରାଜ ସୁପରିଣ୍ଟେଣ୍ଡେଣ୍ଟ ଦେଇଥିବା ତେଲ ଘିଅ ନେଇ ମନ୍ଦିର ଉପର ୩ ଦେଉଳରେ ଦୀପମାନ ଜାଳନ୍ତି ଓ ଚନ୍ଦ୍ରଉଦିଆ ଜାଳି ରାଜାଙ୍କୁ ଆଶୀର୍ବଦ କରନ୍ତି (ଏକାଦଶୀ ପରି)



ଅମାବାସ୍ୟା ଦିନ ଅବିକଳ ଉପରୋକ୍ତ ରୀତିରେ ନୀତି ହୁଏ । ପ୍ରତିପଦା ଦିନ ପାଣି ପଡ଼ି ଋଉଳ ଗଛ ହେବା ଉତ୍ତାରେ ଦକ୍ଷିଣ ଘରୁ ମଦନମୋହନ ଭିତର ସିଂହାସନକୁ ବିଜେ କରନ୍ତି । ମୁଦିରସ୍ତ ପ୍ରସାଦ ଲାଗି କଲାପରେ ପଣ୍ଡା ୩ ଜଣ ଆସି ଋଉଳ ଗଛକୁ ସଂସ୍କାର କରି ପାଣି ଛଡାଇବା ଉତ୍ତାରେ ପଣ୍ଡା, ପତି, ମୁଦିରସ୍ତ ୩ ବାଡ଼ରେ ବାନ୍ଦାପନା କରନ୍ତି । ଏ ଉତ୍ତାରୁ ମହାଜନେ ମଦନମୋହନ, ଲକ୍ଷ୍ମୀ ଓ ସରସ୍ୱତୀ ଆଜ୍ଞାମାଳ ପାଇବା ପରେ ହାତରେ ବିଜେ କରାଇଆଣି ଜୟ-ବିଜୟ ଦ୍ୱାର ଭିତରପାଖେ ଠିଆ ହୋଇ ରହିବେ । ଏଠାରେ ଆସ୍ଥାନ ପଡ଼ିଆରି କରିଥିବା ଋଉଳ ଗଛକୁ ୩ ଜଣ ପଣ୍ଡା ସଂସ୍କାର କରି ପାଣି ଛଡ଼ାଇବା ପରେ ପାଳିଆ-ପଡ଼ିଆରି ଜୟ-ବିଜୟ ଦ୍ୱାର ଫିଟାଇବା ଉତ୍ତାରେ ମହାଜନେ ଠାକୁରଙ୍କୁ ଝୁଲଣମଣ୍ଡପ ତଳେଥିବା ବିମାନରେ ବିଜେ କରାଇବେ । ଏଠାରେ ରୁନ୍ଧା ବଢ଼ିଲା ଉତ୍ତାରେ ବିମାନବଡୁମାନେ ବିମାନକୁ 'ଜଗନ୍ନାଥବଲ୍ଲଭ ମଠ'କୁ ବିଜେ କରାଇବେ । ଏଠାରେ ମୂଳିଆ ସୁଆଁସିଆ ଦେଇଥିବା କାଠ ଭଦ୍ରାସନ ଉପରେ ଆସ୍ଥାନ ପଡ଼ିଆରି ଚାଉଳଗଛ କରି ଦୀପ ବସାଇବ । ମୁଦିରସ୍ତ ପ୍ରସାଦ ଲାଗି କଲା ଉତ୍ତାରେ ପଣ୍ଡା ଗଛକୁ ସଂସ୍କାର କରି ପାଣି ଛଡାଇବେ । ପରେ ମୁଦିରସ୍ତେ ବନ୍ଦାପନା କରିବେ । ତା'ପରେ ବାହୁଡା ବିଜେ ହୋଇ ବଡ ଦେଉଳକୁ ବିଜେ କରିବେ ।

## ଜାଣିବା କଥା ... ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର -ଶ୍ରୀମନ୍ଦିରରେ ଦୈନିକ ବ୍ୟବହାରିକ ଶବ୍ଦ 'ଉଭାହେବା'ର ଅର୍ଥ କ'ଣ ?

ଉ - ଠିଆ ହେବା, ଠାକୁରାଣୀ ଲାଗିବା, ମନୁଷ୍ୟ ଠାରେ ଦେବୀଙ୍କର ଆବିର୍ଭାବ ହେବା । ଶ୍ରୀମନ୍ଦିରରେ ଠାକୁର ସିଂହାସନ ଛାଡ଼ି ବାହାରକୁ ଆସିଲେ ଦର୍ଶକଙ୍କ ପାଇଁ 'ଉଭା ହେଲେ' ବୋଲି କୁହାଯାଏ ?

୨. ପ୍ର - ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କୁ ବିଭିନ୍ନ ପୁଷ୍ପମାନ ଲାଗି ହୋଇଥାଏ । ତନ୍ମଧ୍ୟରେ 'ଉଲାଗି ମାଳ'ର ଅର୍ଥ କ'ଣ ?

ଉ - ଦେବତାଙ୍କ ଠାରୁ କଢ଼ାଯାଇଥିବା ବା ଉତାରା ଯାଇଥିବା ମାଳ ବା ଛଡ଼ା ମାଳ ।

୩. ପ୍ର- ଶ୍ରୀମନ୍ଦିର ପୂଜା-ପଦ୍ଧତିରେ 'ଉଲାଗି' ଶବ୍ଦର ଅର୍ଥ କ'ଣ ?

ଉ- ଦେହରୁ ବସନ, ବେଶ ବା ମାଳାଦି ବାହାର କରିବା । ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦେହରୁ ବସ୍ତ୍ରାଭରଣାଦି ପିନ୍ଧା ହେଲା ପରେ କଢ଼ା ଯିବାକୁ ବୁଝାଏ ।

୪. ପ୍ର- ଶ୍ରୀମନ୍ଦିର ପରମ୍ପରାରେ 'ଉଲୁଧ୍ୱନି' କହିଲେ କ'ଣ ବୁଝାଯାଏ?

ଉ- ଯେକୌଣସି ମାଙ୍ଗଳିକ କାର୍ଯ୍ୟ ସମୟରେ ସ୍ତ୍ରୀମାନେ ଦେଉଥିବା ହୁଳହୁଳି ଧ୍ୱନି । ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବେଳେ ବଡ଼ଦାଣ୍ଡ ହୁଳହୁଳି ଓ ହରିବୋଲରେ ପ୍ରକମ୍ପିତ ହୋଇଥାଏ ।

୫. ପ୍ର- ଶ୍ରୀମନ୍ଦିରରେ 'ଉର୍ଦ୍ଧ୍ୱକ'ଶବ୍ଦର ଅର୍ଥ କ'ଣ ?

ଉ- ଏହା ଏକ ମୃଦଙ୍ଗ ବିଶେଷ ଶବ୍ଦ । ଶବ୍ଦାର୍ଣ୍ଣବାନୁସାରେ ଏହି ମୃଦଙ୍ଗ ଗାଈ ଲାଙ୍ଗୁଳ ପରି ତିନି ତାଳରେ ଆଠଟି ଆଙ୍ଗୁଳିରେ ବାଦନ କରାଯାଏ । ଶ୍ରୀମନ୍ଦିରରେ ପୁଷ୍ପାଳକ ନିଯୋଗ ମନ୍ଦିର ପ୍ରାଙ୍ଗଣରେ ମୃଦଙ୍ଗ ବାଦନରେ ପ୍ରଭୁ ଶ୍ରୀଶ୍ରୀ ରାଧାଗୋବିନ୍ଦଙ୍କର କୀର୍ତ୍ତନ କରାଯାଏ ।

୬. ପ୍ର- 'ଉର୍ଦ୍ଧ୍ୱଦେବ' କହିଲେ କ'ଣ ବୁଝାଯାଏ ?

ଉ- ଏହାର ଅର୍ଥ- ତୁଙ୍ଗ ଏବଂ ଶ୍ରେଷ୍ଠ ଦେବତା ଚଳନ୍ତି ବିଷ୍ଣୁ ଶ୍ରୀଜଗନ୍ନାଥ ।

୭. ପ୍ର- ଶ୍ରୀମନ୍ଦିରରେ 'ରୁକ୍ମିଣୀହରଣ ନୀତି' କହିଲେ କ'ଣ ବୁଝାଯାଏ?

ଉ- ଶ୍ରୀମନ୍ଦିରରେ ଜ୍ୟେଷ୍ଠ ଶୁକ୍ଳ ଏକାଦଶୀରେ ଏହି ନୀତି ପାଳିତ ହୁଏ । ସକାଳ ଧୂପ ବସିବା ସମୟରେ ଦକ୍ଷିଣି ଘରେ ମଦନମୋହନଙ୍କର ବେଶ ଆରମ୍ଭ ହୁଏ । ସକାଳ ଧୂପ ପୂଜା ବଢ଼ି ଭିତରେ ପାଣି ପଡ଼ିଲା ଉତ୍ତାରେ ପୂଜାପଣ୍ଡା ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଲକ୍ଷ୍ମୀ ଠାକୁରାଣୀଙ୍କୁ ଲାଗି କରାନ୍ତି । ପରେ ନୀତିକାନ୍ତି ଅନୁଯାୟୀ ରୁକ୍ମିଣୀହରଣ ଓ ବିବାହ ବିଧି ସମ୍ପନ୍ନ ହୋଇଥାଏ ।

*ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

*ଯୁଗେ ଯୁଗେ ରଥଯାତ୍ରା .....*

## ୧୯୧୭ ମସିହା ପୁରୀ ରଥଯାତ୍ରା

**(ଭାଗ-୫୨-ସଂଖ୍ୟା ୨୩ - ତା. ୯ ରିଖ, ଜୁନ)**

ଗତ ତା. ୪ ରିଖ ସୋମବାର ପୂର୍ବାହ୍ଣରେ ଠାକୁରମାନେ ଚ଼କାଛାଡ଼ି ସିଂହାସନ ସଂଲଗ୍ନ ଘର ଉପରେ ବିରାଜମାନ ହୁଅନ୍ତେ ଦୈନିକ ନୀତି ସମ୍ପନ୍ନ ହେଲା । ରାତ୍ର ପ୍ରାୟ ଘ୩ଣ୍ଟାରେ ଯଥା ସମାରୋହରେ ପହଣ୍ଡି ବିଜୟ କରି



ଠାକୁରମାନେ ତା. ୫ ରିଖ ମଙ୍ଗଳବାର ପ୍ରାତଃ କାଳରେ ଚ଼ନ୍ଦ୍ରାତପାବଳି ସମାଛନ୍ନ, ସୁସଜ୍ଜିତ ସ୍ନାନ ମଣ୍ଡପରେ ଆରୋହଣ କଲେ । ଜଳପୂଜା ପରେ ପୂର୍ବାହ୍ଣ ପ୍ରାୟ ଘ୧୦ଣ୍ଟା ସମୟେ ଠାକୁରମାନଙ୍କର ସ୍ନାନୋତ୍ସବ ବିଧି ସୁସମ୍ପନ୍ନ ହେଲା । ପରମ୍ପରାନୁସାରେ ମଠମାନଙ୍କରୁ ଖଞ୍ଜାଥିବା ହସ୍ତୀ ବେଶ ଧାରଣ ପରେ ମଧ୍ୟାହ୍ନ ଘ୨ଣ୍ଟା ସମୟେ ଖେଚ଼ଡ଼ି ଭୋଗ ଶେଷ ହୋଇ ଯାତ୍ରୀମାନଙ୍କର ସାହାଣ ମେଳା ଦର୍ଶନର ବ୍ୟବସ୍ଥା ହୋଇଥିଲା । ସନ୍ଧ୍ୟା ଘ୭ଣ୍ଟା ପର୍ଯ୍ୟନ୍ତ ମନ୍ଦିର ପୁଲୀଶ ତତ୍ତ୍ୱାବଧାନରେ ଯାତ୍ରୀବୃନ୍ଦ ଦର୍ଶନ କରିଥିଲେ । ରାତ୍ର ଘ୯ଣ୍ଟା ପରେ ଶ୍ରୀଜୀଉଙ୍କର ପ୍ରତ୍ୟାବର୍ତ୍ତନ ପହଣ୍ଡି ଆରମ୍ଭ ହେଲା ଏବଂ ରାତ୍ର ଘ୧୨ଣ୍ଟା ପରେ ଠାକୁରମାନେ ଅନବସର ପିଣ୍ଡିରେ ବିରାଜମାନ ହୁଅନ୍ତେ ପଟସ୍ଥାପନାଦି ଶେଷେ ଅବଶିଷ୍ଟ ନୀତି ସମ୍ପନ୍ନ ହେଲା ।

ସ୍ପେଶାଲ୍ ଟ୍ରେନ ନ ଆସିଲେ ସୁଦ୍ଧା ଗତ ଦଶମୀ ଠାରୁ ପ୍ରତିଦିନ ଦୁଇ ବେଳା ଟ୍ରେନରେ କିଛି କିଛି ବଙ୍ଗାଳୀ ଯାତ୍ରୀ ଆସିଥିଲେ । ପୂର୍ଣ୍ଣିମା ଦିନ ମୋଟ ଯାତ୍ରୀ ସଂଖ୍ୟା ଦଶହଜାର ମଧ୍ୟରୁ ବଙ୍ଗାଳୀ ଯାତ୍ରୀ ୪/୫ ହଜାରରୁ ଅଧିକ ନ ଥିଲେ । ଯାତ୍ରୀ ଅଭାବରେ ଅନେକ ଭଡ଼ାଘର ଖାଲିଥିଲା । ଆସନ୍ତା ରଥଯାତ୍ରା ପର୍ଯ୍ୟନ୍ତ ରହିବା ଯାତ୍ରୀମାନେ ଜଣ ପ୍ରତି ଦୁଇ ତିନି ଟଙ୍କା ଭଡ଼ାରେ ରହିଅଛନ୍ତି । ଅଧିକାଂଶ ବଙ୍ଗାଳୀ ଯାତ୍ରୀ ସ୍ନାନ ଯାତ୍ରା ଦର୍ଶନ କରି ସ୍ୱଦେଶ ଯାତ୍ରା କରିଅଛନ୍ତି ।



ତା. ୬.୧.୨୦ରେ ଚ଼ଳିତ ବର୍ଷ ରଥ ଯାତ୍ରା ପାଇଁ 'ରଥ କାଠ କଟା ଅନୁକୂଳ' ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଶ୍ରୀମନ୍ଦିରର ବରିଷ୍ଠ ତତ୍ତ୍ୱାବଧାରକ ଶ୍ରୀ ସୁଦର୍ଶନ ମେକାପଙ୍କ ନେତୃତ୍ୱରେ ଏକ ଛରି ଜଣିଆ ଦଳ ମାଳ, ମହାପ୍ରସାଦ ଲାଗିଖଣ୍ଟୁଆ ଏବଂ ପୂଜା ସାମଗ୍ରୀସହ ନୟାଗଡ଼ ଅଭିମୁଖେ ଯାତ୍ରା ।



ତା. ୭.୧.୨୦ରେ ନୟାଗଡ଼ ଜିଲ୍ଲାସ୍ଥିତ ବଡ଼ମୂଳସ୍ଥିତ ମା' ବଡ଼ରାଉଳ ଠାକୁରାଣୀଙ୍କ ଠାରେ 'ରଥକାଠ କଟା ଅନୁକୂଳ' ନିମନ୍ତେ ପୂଜାର୍ଚ୍ଚନା ।

## ଶ୍ରୀମନ୍ତ ଶଙ୍କରଦେବ

ଆସାମର ବିଶିଷ୍ଟ ସନ୍ଥ ଶ୍ରୀମନ୍ତ ଶଙ୍କରଦେବ ୧୪୪୯ ମସିହାରେ ବରଦୁଆ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୫୬୮ ମସିହାରେ ୧୨୦ ବର୍ଷ ବୟସରେ କୁଚବିହାର ଠାରେ ଦେହତ୍ୟାଗ କରିଥିଲେ । ପିତା କୁସୁମବର ଏବଂ ମାତା ସତ୍ୟସନ୍ଧାଙ୍କର କୁଳମଣ୍ଡନ କରିଥିବା ଏହି ମହାନ୍ ସନ୍ଥ ପିଲାଟି ଦିନରୁ ଥିଲେ ଈଶ୍ୱର ଭକ୍ତ । ମଧ୍ୱପନ୍ଥୀ ବୈଷ୍ଣବ ପଣ୍ଡିତ ବିଷ୍ଣୁପୁରୀଙ୍କର ପ୍ରଭାବରେ ପ୍ରଭାବିତ ହୋଇ ସେ ବୈଷ୍ଣବ ଧର୍ମ ଗ୍ରହଣ କରିଥିଲେ ମଧ୍ୟ ତାଙ୍କର ସ୍ୱତନ୍ତ୍ର



ମାର୍ଗ ଥିଲା । ତାଙ୍କ ପ୍ରଚାରିତ ମାର୍ଗର ନାମ ଥିଲା 'ଏକ ଶରଣିଆ' । ଏକ ଶରଣିଆ ମାର୍ଗରେ ସେ କୃଷ୍ଣଙ୍କୁ ଶ୍ରେଷ୍ଠ ଭାବରେ ଗ୍ରହଣ କରୁଥିଲେ । ତାଙ୍କ ଧର୍ମରେ ଅସ୍ପୃଶ୍ୟ ସଂପ୍ରଦାୟମାନଙ୍କ ଠାରୁ ଆରମ୍ଭ କରି ମୁସଲମାନ ସଂପ୍ରଦାୟର ଲୋକମାନେ ମଧ୍ୟ ଭକ୍ତ ଥିଲେ । ତାଙ୍କ ଧର୍ମଧାରାର ମାର୍ଗ ଦର୍ଶକ ଥିଲେ ଜଗଦୀଶ ମିଶ୍ର ନାମକ ଜଣେ ବେଦାନ୍ତ ପଣ୍ଡିତ । ଶଙ୍କରଦେବଙ୍କୁ ୩୦ବର୍ଷ ବୟସ ହୋଇଥିବା ସମୟରେ ପଣ୍ଡିତ ମହାଶୟ ଶଙ୍କରଦେବଙ୍କୁ କହିଥିଲେ-'ଶ୍ରୀଜଗନ୍ନାଥଙ୍କ ଆଜ୍ଞାରେ ମୁଁ ତୁମ ନିକଟକୁ ଆସିଛି । ମହାପ୍ରଭୁ ତାଙ୍କର ଦିବ୍ୟଦାରୁ ମୂର୍ତ୍ତିରେ ଦର୍ଶନ ଦେଇ ମୋତେ କହିଲେ,ଆସାମର ବରଦୁଆ ଗ୍ରାମରେ ମୋର ଭକ୍ତ ଜନ୍ମଗ୍ରହଣ କରିଛି । ତୁମେ ତା ପାଖକୁ ଯାଇ ଭାଗବତ ପାଠ ଶୁଣାଅ । ଆପଣ ଶ୍ରୀଜଗନ୍ନାଥଙ୍କ ଆଜ୍ଞାରେ ଭାଗବତ ଶ୍ରବଣ କଲେ ମୁଁ ପ୍ରତ୍ୟାବର୍ତ୍ତନ କରିବି ।

ଜଗଦୀଶ ମିଶ୍ରଙ୍କ କଥା ଶୁଣି ଶଙ୍କର ଦେବ ରୋମାଞ୍ଚିତ ହୋଇ ଉଠିଲେ । ଛଳ ଛଳ ଚକ୍ଷୁରେ ପଣ୍ଡିତଙ୍କ ସେବା କଲେ । ତାଙ୍କଠାରୁ ପ୍ରତ୍ୟହ ଶ୍ରୀଧର ମିଶ୍ରଙ୍କ ଭାଗବତ ଟୀକା ଶ୍ରବଣ କଲେ ଏବଂ ଅନୁଭବ କଲେ- ଯିଏ କୃଷ୍ଣ ସିଏ ଜଗନ୍ନାଥ ଏବଂ ସିଏ ହିଁ ପରଂବ୍ରହ୍ମ । ସିଏ ଦାରୁ ରୂପରେ ନୀଳାଚଳରେ ବିଜେ କରିଛନ୍ତି । ତାଙ୍କ ପାଖରେ ଭେଦ ଭାବ ନାହିଁ । ସେଇ ପରମପାବନ ଜଗନ୍ନାଥଙ୍କ ଦର୍ଶନ କଲେ ଜୀବନ ସାର୍ଥକ ହୋଇଯିବ । ଶ୍ରୀମଦ୍‌ଭାଗବତ ଶ୍ରବଣ ପରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ତାଙ୍କ ମନ ଆତୁର ହୋଇ ଉଠିଲା । ମାତ୍ର ୩୨ ବର୍ଷ ବୟସରେ ୧୭ଜଣ ଶିଶ୍ୟଙ୍କୁ ନେଇ ପୁରୁଷୋତ୍ତମ ଧାମରେ ମହାପ୍ରଭୁଙ୍କ ଦର୍ଶନ କଲେ । ଏହି ସମୟରେ ଓଡିଶାରେ ରହି ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି 'ଓରେଷା ବର୍ଣ୍ଣନ' ପୁସ୍ତକ ରଚନା କଲେ । ଶଙ୍କରଦେବ ପୁରୀରୁ ଫେରି ଆସାମରେ ବୁଲି ବୁଲି ନାମଘର ମାନ ପ୍ରତିଷ୍ଠା କରିବା ସହ କୀର୍ତ୍ତନ ଓ ଏକ ଶରଣୀୟା ଧର୍ମର ପ୍ରଚାର କଲେ । ଏହାପରେ ଆସାମରେ ଶ୍ରୀଜଗନ୍ନାଥଙ୍କ ପ୍ରଚାର ପ୍ରସାର ବଢ଼ିଯାଇଥିଲା । ଶଙ୍କରଦେବ ତାଙ୍କ ପରିଣତ ବୟସରେ ପୁନର୍ବାର ଓଡିଶା ଆସି ଶ୍ରୀଜଗନ୍ନାଥଙ୍କ ଦର୍ଶନ କାଳରେ ପଞ୍ଚସଖାଙ୍କ ସହିତ ସାକ୍ଷାତ କଲେ । ଜଗନ୍ନାଥ ଦାସଙ୍କ ସହ ତାଙ୍କର ଆତ୍ମୀୟତା ବଢ଼ିବାରୁ ସେ ଓଡିଆ ମଠରେ ଅବସ୍ଥାନ କରୁଥିଲେ । ପ୍ରଥମେ ଶଙ୍କର ଦେବ ଓ ତାଙ୍କ ଶିଷ୍ୟମାନେ ମହାପ୍ରସାଦ ପାଉନଥିଲେ । ଦିନେ ନାମ ସଂକୀର୍ତ୍ତନ ସମୟରେ କଦଳୀ ପତ୍ରରେ ବାଢ଼ିଥିବା ଭୋଗ ଖାଇବା ପାଇଁ କଳା, ଧଳା ଓ ହଳଦିଆ ବିଲେଇ ତିନୋଟି ଆସିବାରୁ ଭକ୍ତମାନେ ତାଙ୍କୁ ଘଉଡାଇ ଦେଲେ । ସେଦିନ ରାତିରେ ଶଙ୍କର ଦେବ ସ୍ୱପ୍ନ ଦେଖିଲେ ଶ୍ରୀଜଗନ୍ନାଥ ତାଙ୍କୁ କହୁଛନ୍ତି- ତୁମେ କୀର୍ତ୍ତନ ବେଳେ ପ୍ରସାଦ ବାଢ଼ିଥିଲ । ଆମେ ଖାଇବା ପାଇଁ ଯାଇଥିଲୁ କିନ୍ତୁ ଆମକୁ ଘଉଡାଇ ଦେଲ । ଶଙ୍କର ଦେବଙ୍କ ନିଦ ଭାଙ୍ଗିଗଲା । ତାଙ୍କର ସବୁ ମନେ ପଡିଗଲା । ସେ ବୁଝିପାରିଲେ ତିନି ବିରାଡି କିଏ । ଏଇଠି ମହାପ୍ରସାଦ ମାହାତ୍ମ୍ୟ ସ୍ମରଣ ହେଲା । ସେ ଜାଣି ପାରିଲେ ମହାପ୍ରସାଦ ହିଁ ବ୍ରହ୍ମମୟ । ଯା ପରେ ଓରେଷା କୀର୍ତ୍ତନରେ ମହାପ୍ରସାଦ ମାହାତ୍ମ୍ୟ ବର୍ଣ୍ଣନା କରିବା ସହ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ, ରଥ ଯାତ୍ରା ଓ ମହିମା ପ୍ରଚାରରେ ଶେଷ ଜୀବନ କଟାଇ ଦେଇଥିଲେ ।

*● ସୁନୀଳ କୁମାର ରଥ, ଅବସରପ୍ରାପ୍ତ ରିଡ଼ର- ଉପର ନୂଆ ସାହି, ପୁରୀ*

# ଫଟୋରେ ସଂବାଦ...



ତା. ୨୧.୧୨.୧୯ରେ ଭାରତୀୟ କ୍ରିକେଟ ଦଳର ପୂର୍ବତନ ଖେଳାଳୀ ଶ୍ରୀ ଭେଙ୍କେଟଶ ପ୍ରସାଦ ଶ୍ରୀମନ୍ଦିରର ଓ.ଏସ୍.ଡି. ଶ୍ରୀ ଶୁଭ୍ରାଂଶୁ ଶେଖର ପାଢ଼ୀଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି ।



ତା. ୨୩.୧୨.୧୯ରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (A.S.I.)ର ମହାନିର୍ଦ୍ଦେଶକ ଉଷା ଶର୍ମାଙ୍କ ଶ୍ରୀମନ୍ଦିର ପରିଦର୍ଶନ ।



ତା. ୨୧.୧୨.୧୯ ରେ ୟୁ.ପି.ଏସ୍.ସି.ର ସଦସ୍ୟ ଶ୍ରୀଯୁକ୍ତ ଆର.ଏନ୍.ଚୌବେ ଶ୍ରୀମନ୍ଦିରର ଓ.ଏସ୍.ଡି. ଶ୍ରୀ ଶୁଭ୍ରାଂଶୁ ଶେଖର ପାଢ଼ୀଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କର ଦର୍ଶନ ସାରି ଫେରୁଛନ୍ତି ।



ତା. ୨୮.୧୨.୧୯ରେ ବିହାରର ମାନ୍ୟବର ରାଜ୍ୟପାଳ ଶ୍ରୀଯୁକ୍ତ ଫଗୁ ଚୈହାନ୍, ଶ୍ରୀମନ୍ଦିର ପ୍ରଶାସକ (ନୀତି) ଶ୍ରୀ ଜିତେନ୍ଦ୍ର କୁମାର ସାହୁଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି ।




ତା. ୨୩.୧୨.୧୯ରେ ଓଡ଼ିଶାର ମାନ୍ୟବର ଲୋକାୟୁକ୍ତ ନ୍ୟାୟଧୀଶ ଅଜିତ୍ ସିଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଡଃ. ଉମାଶଙ୍କର ଦାଶଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କର ଦର୍ଶନ ସାରି ଫେରୁଛନ୍ତି ।



ତା. ୩୧.୧୨.୧୯ରେ କେନ୍ଦ୍ର ଗ୍ୟାସ୍ ଓ ପେଟ୍ରୋଲିୟମ୍ ମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାର ଓ ଉପ-ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଶ୍ରୀ ବଳବନ୍ତ ସିଂଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି ।

# ଫଟୋରେ ଅନ୍ୟାନ୍ୟ...



ତା. ୧୩.୧୨.୧୯ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଶ୍ରୀମନ୍ଦିରର ଉପ-ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଶ୍ରୀଯୁକ୍ତ ବଲୱନ୍ତ ସିଂହଙ୍କ ଅଧ୍ୟକ୍ଷତାରେ ଆହୂତ 'ନୀତି ସବ୍ କମିଟି' ବୈଠକ ।



ତା. ୨୯.୧୨.୧୯ରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ଏବଂ ତାଙ୍କ ସମ୍ପର୍କୀୟମାନଙ୍କ ସହ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି ।



ତା. ୧୮.୧୨.୧୯ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାରଙ୍କ ଅଧ୍ୟକ୍ଷତାରେ ଆହୂତ 'ଛତିଶା ନିଯୋଗ' ବୈଠକ ।



ତା. ୬.୧.୨୦୨୦ରେ ଶ୍ରୀଗୋବର୍ଦ୍ଧନ ପୀଠ ଠାରେ ଶ୍ରୀମଦ୍ ଜଗଦ୍‌ଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ଭେଟି ଉପଦେଶ ଗ୍ରହଣ କରୁଛନ୍ତି



ତା. ୨୦.୧୨.୧୯ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଆହୂତ 'ଶ୍ରୀମନ୍ଦିର ପରିଚାଳନା କମିଟି' ବୈଠକ ।



ତା. ୧୨.୧.୨୦୨୦ରେ ଶ୍ରୀନଅର ଠାରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ପୁଷ୍ୟାଭିଷେକ ।

# ବାଇଧନ ଗଲେ ବୃନ୍ଦାବନ ତ !

ଓଡ଼ିଶାର ଗାଁ ଗହଳିରେ କେଳା ସଂପ୍ରଦାୟର କିଛି କଳାକାର ଧୁଡୁକି ବଜାଇ ଭିକ ମାଗୁଥିବାର ଦେଖାଯାଏ । ସେମାନଙ୍କ ଧୁଡୁକି ବଜାଇବାର ଶୈଳୀ ଏବଂ ଗୀତ ଗାଇବାର ଢ଼ଙ୍ଗରେ ପିଲା ଏବଂ ସ୍ତ୍ରୀଲୋକମାନେ ବିଶେଷ ଭାବେ ପ୍ରଭାବିତ ହେବାର ଦେଖାଯାଏ । ପୁରାତନ ରଚନାରୁ ଲୋକପ୍ରିୟ ଭଜନଗୁଡ଼ିକୁ ସେମାନେ ଏପରିଭାବରେ ପରିବେଷଣ କରିଥାଆନ୍ତି ଯାହା ସବୁରି ମନକୁ ସହଜରେ ଛୁଇଁଥାଏ । ତା' ମଧ୍ୟରୁ ଗୋଟିଏ ଲୋକପ୍ରିୟ ଭଜନର ପ୍ରଥମ ଦୁଇଧାଡ଼ି ହେଉଛି-

'ବାଇଧନ ତ- ବାଇଧନ ଗଲେ ବୃନ୍ଦାବନ ତ !

ଏଇ ବାଇଧନ ହେଉଛନ୍ତି ଶ୍ରୀଜଗନ୍ନାଥ ମହାପ୍ରଭୁ । ପ୍ରତି ଓଡ଼ିଆଙ୍କ ପ୍ରାଣର ଦେବତା ଏଇ ବାଇଧନ ମର୍ତ୍ତ୍ୟବୈକୁଣ୍ଠ ଶ୍ରୀକ୍ଷେତ୍ରରେ ବଡ଼ଦେଉଳରେ ବିରାଜମାନ କରୁଛନ୍ତି । ତାଙ୍କ ସହିତ ରତ୍ନସିଂହାସନରେ ପୂଜା ପାଉଛନ୍ତି ବଡ଼ଭାଇ ଶ୍ରୀବଳଭଦ୍ର, ସାନଭଉଣୀ ମା' ସୁଭଦ୍ରା ଏବଂ ଚକ୍ରରାଜ ଶ୍ରୀସୁଦର୍ଶନ । ତାଙ୍କ ପାଖରେ ପ୍ରତିଦିନ ଷାଠିଏ ପଉଟି ଅନ୍ନ, ଛପନ ପ୍ରକାର ବ୍ୟଞ୍ଜନ ପିଠାମିଠା ଖିରିପୁରି ଭୋଗ ହୁଏ । ଭକ୍ତମାନେ ଆନନ୍ଦ ବଜାରରେ ଏହି ଭୋଗ ମହାପ୍ରସାଦ ରୂପରେ ପାଇ ଆନନ୍ଦ ଅନୁଭବ କରନ୍ତି । ମହାପ୍ରଭୁଙ୍କୁ ଦର୍ଶନ କରି ସେମାନେ ସତେ ଅବା କୋଟିନିଧି ପାଇଯାଆନ୍ତି ! ସେଇ ମହାପ୍ରଭୁ ପୁଣି ବୃନ୍ଦାବନ ଗଲେ କାହିଁକି ? କିଏ କାହିଁକି କେତେବେଳେ ତାଙ୍କୁ ବୃନ୍ଦାବନ ନେଇଗଲେ ? ଏବେ ବୃନ୍ଦାବନର କେଉଁ ସ୍ଥାନରେ ସେ ପୂଜା ପାଉଛନ୍ତି ? ଏ ସମସ୍ତ ପ୍ରଶ୍ନର ଉତ୍ତର ହେଉଛି ଗଜପତି ମହାରାଜା ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ କାଳରେ ବୃନ୍ଦାବନରୁ ଜଣେ ସନ୍ନ୍ୟାସୀ ଶ୍ରୀକ୍ଷେତ୍ର ଆସିଥିଲେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ । ସେ ହେଉଛନ୍ତି ନିମ୍ବାର୍କ ପନ୍ଥୀ ସନ୍ନ୍ୟାସୀ । ତାଙ୍କ ନାମ ସ୍ୱାମୀ ହରିଦାସ । ପ୍ରିୟ ପାଠକ ବଂଧୁଗଣ ! ଏଇ ସ୍ୱାମୀ ହରିଦାସ ଜଣେ ବିଚକ୍ଷଣ ସଙ୍ଗୀତଜ୍ଞ ଥିଲେ । ଦୀପକ ରାଗରେ ସଙ୍ଗୀତ ପରିବେଷଣ କଲେ ଦୀପ ପ୍ରଜ୍ଜ୍ୱଳିତ ହୋଇ ଉଠୁଥିଲା । ମେଘମହ୍ଲାର ରାଗରେ ଗୀତ ଗାଇ ସେ ବର୍ଷା କରାଇ ପାରୁଥିଲେ । ସ୍ୱନାମଧନ୍ୟ ସଙ୍ଗୀତଶିଳ୍ପୀ 'ତାନସେନ୍' ତାଙ୍କରି ଠାରୁ ସଙ୍ଗୀତ ଶିକ୍ଷା କରିଥିଲେ । ସ୍ୱାମୀ ହରିଦାସ ଇଚ୍ଛାକଲେ ସ୍ୱୟଂ ଦାରୁବ୍ରହ୍ମଙ୍କୁ ସାଥିରେ ଧରି ବୃନ୍ଦାବନ ଫେରିଯିବା ପାଇଁ । ରତ୍ନସିଂହାସନରେ ପୂଜା ପାଉଥିବା ଦାରୁବ୍ରହ୍ମଙ୍କୁ ନେବା ତ ସମ୍ଭବପର ନୁହେଁ । ମହାପ୍ରଭୁଙ୍କ ବିଗ୍ରହ ନିର୍ମାଣ ପରେ ଯଦି କିଛି ଦାରୁ ବଳକା ରହିଥାଏ, ସେହି ଦାରୁରେ ମୂର୍ତ୍ତି ନିର୍ମାଣ କରି ସାଥିରେ ନେବାପାଇଁ ସ୍ୱାମୀ ହରିଦାସ ମନ ବଳାଇଲେ । ନବକଳେବର ସମୟରେ ନାନା ବିଧିବିଧାନ ଥାଟ ପଟୁଆରରେ ସଂଗୃହୀତ ଦାରୁ ବଳକା ରହେ କି ନାହିଁ ତାହା ଦଇତାପତି ଜାଣନ୍ତି । ଦାରୁଶାଳାରେ କିପରି ବଳକା ଦାରୁ ରଖାଯାଏ ତାହା ସେଇମାନେ ହିଁ ଜାଣନ୍ତି । ସ୍ୱାମୀ ହରିଦାସ ଦଇତାମାନଙ୍କୁ ଆପଣାର ମନକଥା ଜଣାଇଲେ । ଦଇତାମାନେ ସିଧାସଳଖ ମନା କରିଦେଲେ । କହିଲେ ଆପଣଙ୍କ ପାଇଁ ସ୍ୱତନ୍ତ୍ର ମୂର୍ତ୍ତି ଗଠନ କରିବ କିଏ ? ଶହେ ମହଣ ଘିଅ ହେବ ନା ରାଧା ନାଚିବେ ? ଦଇତାଙ୍କ ଠାରୁ ଏପରି ନିରାଶବାଣୀ ଶୁଣି ସ୍ୱାମୀ ହରିଦାସ ଗୁହାରି କଲେ ଗଜପତି ମହାରାଜାଙ୍କୁ । ଗଜପତି ମହାରାଜା ଠିକ୍ ସେଇକଥା କହିଲେ । ମହାପ୍ରଭୁ ତାଙ୍କ ସହିତ ଯଦି ଯିବାକୁ ନାରାଜ ତେବେ ସେ ଏକା ଫେରିବେ ନାହିଁ । ମହୋଦଧିରେ ଝାସ ଦେବେ । ଏଇ କଥା ଚିନ୍ତାକରି ଚାଲିଲେ ସମୁଦ୍ରକୂଳକୁ । ସମୁଦ୍ରକୂଳରେ ବସି ମହାପ୍ରଭୁଙ୍କ ପଦ୍ମପାଦରେ ଧ୍ୟାନ ଲଗାଇଲେ । ଧ୍ୟାନାବସ୍ଥାରେ ତାଙ୍କ ଆଖିକୁ ନିଦ ଆସିଯାଇଛି । ସେ ସ୍ୱପ୍ନ ଦେଖୁଛନ୍ତି ମହାପ୍ରଭୁଙ୍କୁ । ମହାପ୍ରଭୁ କହୁଛନ୍ତି ହରିଦାସ ! ତୁମେ ପୁଣି ଥରେ ଯାଇ ଗଜପତିଙ୍କୁ ଦେଖାକର । କହିବ ମହାପ୍ରଭୁ ସ୍ୱପ୍ନାଦେଶ ଦେଇଛନ୍ତି, 'ଶ୍ରୀମନ୍ଦିର ଭିତରେ ରତ୍ନସିଂହାସନକୁ ଛାଡ଼ି ଅନ୍ୟ ଯେଉଁ ଜଗନ୍ନାଥ ମୂର୍ତ୍ତି ପୂଜା ପାଉଛନ୍ତି ସେହି ମୂର୍ତ୍ତିଙ୍କୁ ମୋତେ ସମର୍ପଣ କରିବା ପାଇଁ ଆଜ୍ଞା ହେଉ । ସେ ମୂର୍ତ୍ତିଙ୍କୁ ମୁଁ ନେଇ ଯମୁନା ନଦୀ କୂଳରେ ସୁନ୍ଦର ମନ୍ଦିର ନିର୍ମାଣ କରି ସେଠାରେ ପୂଜା କରିବି ।' ନିଦ ଭାଙ୍ଗିଲା ପରେ ସ୍ୱାମୀଜୀଙ୍କ ମନ ଆନନ୍ଦିତ ହୋଇଗଲା । ସେ ଯାଇ ଦେଖାକଲେ ଗଜପତି ମହାରାଜା ପ୍ରତାପରୁଦ୍ର ଦେବଙ୍କୁ । ଗଜପତି ମହାରାଜାଙ୍କୁ ମଧ୍ୟ ଏହିପରି ସ୍ୱପ୍ନାଦେଶ ହୋଇଥିଲା । ଶ୍ରୀମନ୍ଦିରର ଭିତର ବେଢ଼ାରେ ପୂଜା ପାଉଥିବା ମହାପ୍ରଭୁଙ୍କ ମୂର୍ତ୍ତି ସ୍ୱାମୀଜୀଙ୍କ ସହ ବୃନ୍ଦାବନକୁ ପଠାଇବା ପାଇଁ ମହାରାଜା ସମସ୍ତ ବ୍ୟବସ୍ଥା କରିଦେଲେ । ସେହି ଭକ୍ତବତ୍ସଳ ମହାପ୍ରଭୁ ଭକ୍ତର ଭକ୍ତି ଡୋରରେ ବନ୍ଧା ହୋଇ 'ବାଇଧନ ଗଲେ ବୃନ୍ଦାବନ ତ !' ଏବେ ମହାପ୍ରଭୁ ଶ୍ରୀଧାମ ବୃନ୍ଦାବନରେ ଯମୁନା ନଦୀ ତୀରରେ ଏକ ଭବ୍ୟ ମନ୍ଦିରରେ ପୂଜା ପାଉଛନ୍ତି ।



*ଶ୍ରୀ ଶଂକର୍ଷଣ ମଂଗରାଜ*

● *(ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ) ମଙ୍ଗଳାଘାଟ ରୋଡ, ପୁରୀ-୧*



ତା. ୧୪.୧.୨୦ରେ ଶ୍ରୀମନ୍ଦିରରେ ମକର ଚଉଳ ପ୍ରସ୍ତୁତି ନିମନ୍ତେ ମା'ଆଲାମଚଣ୍ଡୀଙ୍କ ମନ୍ଦିରରୁ କୁମ୍ଭାର ସେବକମାନେ 'ମକର ଚାଡ଼ି' ନେଇ ଶ୍ରୀମନ୍ଦିରକୁ ଯାଉଛନ୍ତି ।

## ମକର ସଂକ୍ରାନ୍ତି ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୧୫.୦୧.୨୦ ରିଖ ବୁଧବାର | ଶ୍ରୀମନ୍ଦିରରେ ମକର ସଂକ୍ରାନ୍ତି |
| ତା. ୨୫.୦୧.୨୦ ରିଖ ଶନିବାର | ଶ୍ରୀମନ୍ଦିରରେ ପଦ୍ମବେଶ |
| ତା. ୩୦.୦୧.୨୦ ରିଖ ଗୁରୁବାର | ଶ୍ରୀମନ୍ଦିରରେ ବସନ୍ତପଞ୍ଚମୀ ଓ ରଥକାଠ ଅନୁକୂଳ ପୂଜା |
| ତା. ୦୫.୦୨.୨୦ ରିଖ ବୁଧବାର | ଶ୍ରୀମନ୍ଦିରରେ ଭୈମୀ ଏକାଦଶୀ |
| ତା. ୦୯.୦୨.୨୦ ରିଖ ରବିବାର | ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଗଜଉଦ୍ଧାରଣ ବେଶ |

**ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ ।** *ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**
**E-mail : Jagannath.or@nic.in * Web Site : www.shreejagannatha.in**
**Printed at : Rama Press, North Gate, Puri, Ph. : 222145**
ମୂଲ୍ୟ : ଦୁଇଟଙ୍କା ମାତ୍ର